୨୦ କେଜି ଗଞ୍ଜେଇ ସହ ମଦ ଜବତ, ୪ ଗିରଫ

ବାରିପଦା, ୨୧।୬ (ଶ୍ରୁ.ମି) : ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବାଙ୍ଗିରିପୋଷି ଏବଂ ଖୁଣ୍ଟା ଅଞ୍ଚଳରେ ଚଢ଼ାଉ କରାଯାଇ ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଗଞ୍ଜେଇ ଓ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏହା ସହିତ ଏହି ମାମଲାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଏନେଇ ପୃଥକ ପୃଥକ ଭାବେ ୪ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ଖୁଣ୍ଟା ଅଞ୍ଚଳର କପିଳେଶ୍ୱର ନାୟକ(୪୭) ଏବଂ ବାଙ୍ଗିରିପୋଷି ଅଞ୍ଚଳର ଭାଗୀରଥି ବେହେରା(୪୨), ରାଜୀବ କୁମାର ସେଠୀ(୩୩) ଏବଂ ସତ୍ୟବାନ ସେଠୀ(୫୪)। ମୟୂରଭଞ୍ଜ ଜିଲ୍ଲା ଭାରପ୍ରାପ୍ତ ଅବକାରୀ ଅଧିକ୍ଷକ ରବୀନ୍ଦ୍ରନାଥ ସାହୁଙ୍କ ପୂର୍ବ ଯୋଜନା ମୁତାବକ ବାରିପଦା, କୁଳିଅଣା ଖୁଣ୍ଟା ଏବଂ ଦେଉଳି ଅବକାରୀ ବିଭାଗର ଅଧିକାରୀମାନେ ଭୋରୁ ବାଙ୍ଗିରପୋଷି ଓ ଖୁଣ୍ଟାର ବିଭିନ୍ନ ଅଞ୍ଚଳରେ ଚଢାଉ କରିଥିଲେ। ଏହି ସ୍ଥାନମାନଙ୍କରେ ଦୀର୍ଘଦନ ହେବ ଗଞ୍ଜେଇ ଚୋରା ଚାଲାଣ ଏବଂ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ। ଗିରଫ ଯୁବକମାନେ ଏହାକୁ ଚୋରାରେ ଆଣି ବେପାର ଉଦ୍ଦେଶ୍ୟରେ ରଖିଥିବା ଜଣାଯାଇଛି। ଏହା ସହ ୩୧ ବୋତଲ ବିଦେଶୀ ମଦ ମଧ୍ୟ ଜବତ କରାଯାଇଛି ବୋଲି ଭାରପ୍ରାପ୍ତ ଅବକାରୀ ଅଧୀକ୍ଷକ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ବାରିପଦା ସଦର ଅବକାରୀ ଅଧିକାରୀ ଅଜୟ କୁମାର ସାମଲ, କୁଳିଅଣା ଏସ୍ଆଇ ପ୍ରଫୁଲ୍ଲ କୁମାର ମହାନ୍ତ, ଖୁଣ୍ଟା ଏସ୍ଆଇ ମଞ୍ଜୁଲତା ରାଉତ, ଏସଆଇ ମୋବାଇଲ ଡମ୍ବରୁଧର ହରିଜନ, ସଦର ଏସ୍ଆଇ ସିତ ବାର୍ଲା, ଏସ୍ଆଇ ଦେଉଳି କାଳନ୍ଦୀଚରଣ ବେହେରା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

ଜିଆରଏସଙ୍କ ପାଇଁ ମନରେଗା କାମ କରି ଶ୍ରମିକ ପାଉନି ମଜୁରୀ

ରାଜନଗର, ୨୧।୬(ଶ୍ରୁ.ମି): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଲକ୍ଷ୍ମୀନାରାୟଣ ପୀଠ ଠାରୁ ନନୀହୁଙ୍କା ପର୍ଯ୍ୟନ୍ତ ତଟବନ୍ଧ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ୨୦୧୭ ମସିହାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନିର୍ମାଣ କରାଯାଇଥିଲା । ଏହି କାର୍ଯ୍ୟରେ ୨୦ଜଣ ଶ୍ରମିକ କାମ କରିଥିଲେ । ମାତ୍ର ଏହି ଶ୍ରମିକଙ୍କ ମଧ୍ୟରୁ ୧୩ଜଣ ଶ୍ରମିକ ଆଂଶିକ ମଜୁରୀ ପାଇଥିବା ବେଳେ ଅବଶିଷ୍ଟ ୭ଜଣ ଶ୍ରମିକ ଆଦୌ ମଜୁରୀ ପାଇନଥିବା ଅଭିଯୋଗ କରିଛନ୍ତି । ଏସଂପର୍କରେ ବିଡିଓ ମନ୍ଦରଧର ମହାଲିକଙ୍କ ସହିତ ଯୋଗାଯୋଗ କରିବାରୁ ୭ମାସ ପୂର୍ବରୁ ଶ୍ରମିକମାନଙ୍କ ମଜୁରୀ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଥିବା ସୂଚନା ଦେଇଥିଲେ । ଅନୁସନ୍ଧାନରୁ ଜଣାଗଲା ଯେ, କାମ କରିନଥିବା ଲୋକମାନଙ୍କ ନାମରେ ମଷ୍ଟରରୋଲ ପ୍ରସ୍ତୁତ କରାଯାଇଥିବାରୁ ସେମାନଙ୍କ ଆକାଉଂଟକୁ ଟଙ୍କା ଯାଇଛି । ଯେଉଁ ଶ୍ରମିକମାନେ କାମ କରିଥିଲେ, ସେମାନଙ୍କର ଜବକାର୍ଡ ଥିଲେ ମଧ ସେମାନଙ୍କ ନାମରେ ମଷ୍ଟର ରୋଲ କରାଯାଇନାହିଁ । ଫଳରେ କାମ କରିଥିବା ଶ୍ରମିକ କେଶବ ବିଶ୍ୱାଳ, ଅମର ବିଶ୍ୱାଳ, କୁ ପ୍ରଧାନ, ପଚାଂନନ ରାଉତ, ଭ୍ରମରବର ବିଶ୍ୱାଳ, ଗିରିଧାରୀ ବିଶ୍ୱାଳ ଓ ଅନିରୁଦ୍ଧ ବିଶ୍ୱାଳ ଆଦୌ ମଜୁରୀ ପାଇନାହାନ୍ତି । ଅପରପକ୍ଷରେ ଏହି ରାସ୍ତାରେ ଚଳିତବର୍ଷ ଟ୍ରାକ୍ଟର ଦ୍ୱାରା ମାଟିକାମ କରି ବିଲ ନେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି । ମନରେଗା ଯୋଜନାରେ କାମ କରିନଥିବା ଶ୍ରମିକଙ୍କ ବଦଳରେ ନକଲି ଶ୍ରମିକଙ୍କୁ କାମ କରିଥିବା ଦର୍ଶାଇ ଜିଆରଏସ ଚତୁରତା ସହିତ ଟଙ୍କା ହଡପ କରିଥିବା ଘଟଣାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲେ ଯୁବକ

ଚମ୍ପୁଆ, ୨୧।୬(ଶ୍ରୁ.ମି) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଅଡଙ୍ଗାପାଳଠାରେ ହାତୀ ଆକ୍ରମଣରୁ ଅଳ୍ପକେ ଜଣେ ଯୁବକ ବର୍ତ୍ତି ଯାଇଥିଲେ ମଧ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଗୁରୁତର ହୋଇ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଜଣାପଡିଛି । ହାତୀ ପଲ ଧାନ ବିଲକୁ ପଶିଥିଲେ ମଧ ବନ ବିଭାଗ କର୍ମଚାରୀମାନେ କେହି ଆସି ନ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଖବର ଅନୁସାରେ ଦିନ ବେଳା ଅଡଙ୍ଗାପାଳ ଗ୍ରାମର ଚାଷ ଜମି ଭିତରକୁ ହାତୀ ପଲ ଧାନ ଖାଇବାକୁ ପଶୁଥିବା ବେଳେ ଜୟରାମ ଓରାମଙ୍କ ପୁଅ ଜଗନ୍ନାଥ ଓରାମ ଓ ତାର ଜଣେ ସାଥି ହାତୀ ପଲକୁ ଧାନ ବିଲରୁ ଘୋଉଡାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀ ଆକ୍ରମଣର ଶୀକାର ହୋଇଥିଲେ । ଗୋଠ ମଧ୍ୟରୁ ଗୋଟେ ମାଈ ହାତୀ ତାଙ୍କୁ ଗୋଡାଇବା ବେଳେ ଜଗନ୍ନାଥଙ୍କ ପାଦ ଖସିଯିବାରୁ ସେ ବିଲରେ ପଡିଯାଇଥିଲେ । ମାଈ ହାତୀଟି ନିଜ ମୁଣ୍ଡରେ ଜଗନ୍ନାଥକୁ ଆଘାତ କରିଥିଲେ ମଧ୍ୟ ହିଡଥିବା ଯୋଗୁଁ ଜଗନ୍ନାଥକୁ ଶୁଣ୍ଢରେ ଧରିବାରେ ବିଫଳ ହୋଇଥିଲା । ଜଗନ୍ନାଥ କୌଶଳ କ୍ରମେ ସେଠାରୁ ଖସିଯାଇଥିଲେ ।

୧୧ଦଫା ଦାବି ଦେଲା ଭାରତୀୟ ମଜଦୂର ସଂଘ ଜିଲ୍ଲା ଶାଖା

ଢେଙ୍କାନାଳ, ୨୧।୬(ଶ୍ରୁ.ମି) : ଭାରତୀୟ ମଜଦୂର ସଂଘ ଜିଲ୍ଲା ଶାଖା ପକ୍ଷରୁ ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଠିକାଦାର ପରିବର୍ତନ ସମୟରେ ଠିକା କର୍ମଚାରୀମାନଙ୍କୁ ଛଟେଇ ନକରିବା ପାଇଁ ମୁଖ୍ୟ ନିଯୁକ୍ତିଦାତା ଉତରଦାୟୀ ରହିବାକୁ ସରକାର ନିର୍ଦ୍ଦେଶଜାରି କରିବା, ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଉଦ୍ୟୋଗ କାର୍ଯ୍ୟାଳୟରେ ବାଇଓମେଟ୍ରିକ୍ ଉପସ୍ଥାପନାକୁ ବାଧତା କରିବା, ବାଇଓମେଟ୍ରିକ୍ ଆଟେଣ୍ଡାନ୍ସ ଆଧାରରେ ଠିକା କର୍ମଚାରୀମାନଙ୍କୁ ବେତନ ପ୍ରଦାନ କରିବା, ଠିକା କର୍ମଚାରୀଙ୍କୁ ମାସକୁ ସର୍ବନିମ୍ନ ୨୬ ଦିନ କାର୍ଯ୍ୟ କରିବାର ସୁଯୋଗ ଦେବା ସହ ଶ୍ରମ ଅନୁଯାୟୀ ପାରିଶ୍ରମିକ ପ୍ରଦାନ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପଦୋନ୍ନତି ସହ ଦରମା ବୃଦ୍ଧି କରିବା, ପ୍ରତ୍ୟେକ ବର୍ଷ ଠିକା କର୍ମଚାରୀ ଓ ସ୍କିମ୍ ୱାର୍କରମାନଙ୍କୁ ବୋନସ ପ୍ରଦାନ କରିବା, ଦେଶାନ୍ତର ଶ୍ରମିକମାନଙ୍କୁ ଚିହ୍ନଟ ଓ ପଞ୍ଜିକରଣ, ସେମାନଙ୍କୁ କର୍ମ ଯୋଗାଇଦେବା, ମନରେଗା ଯୋଜନାରେ ସର୍ବନିମ୍ନ ୨୦୦ ଦିନର କାମ ଯୋଗାଇଦେବା, ଦାଦନ ଓ ସରକାରୀ ଯୋଜନା ଅନ୍ତର୍ଗତ ଶ୍ରମିକମାନଙ୍କୁ ବ୍ୟାଙ୍କ ମାଧମରେ ପାରିଶ୍ରମିକ ପ୍ରଦାନ, ଦାଦନ ଶ୍ରମିକ ଚାଲାଣରେ ଲିପ୍ତ ଦଲାଲମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ଭାରତୀୟ ମଜଦୁର ସଂଘ ଜିଲ୍ଲା ଶାଖା ପକ୍ଷରୁ ସରକାରଙ୍କ ଠାରେ ଦାବି କରିଛନ୍ତି। ଏହି ଅବସରରେ ଜିଲ୍ଲା ସଂଘ ସଂପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାଜ୍ୟ ପ୍ରଭାରୀ ଶ୍ରୀନିବାସ ଖୁଂଟିଆ, ଜିଲ୍ଲା ସଭାପତି ଦୁଷ୍ମନ୍ତ ରଣା, ଉପସଭାପତି ପଙ୍କଜିନୀ ପଣ୍ଡା, ବିଆର୍‌ଜି ସାଧାରଣ ସଂପାଦକ ଦୁର୍ଗାପ୍ରସାଦ ମିଶ୍ର, ଜିଲ୍ଲା ଅଙ୍ଗନୱାଡି ୱାର୍କସ ଆସୋସିଏସନ୍ ସଭାପତି ପାର୍ବତୀ ରାଉତ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନକୁ ଦାବି ପତ୍ର ପ୍ରଦାନ କରିଥିଲେ।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଚଣ୍ଡିଖୋଲ, ୨୧/୬(ଶ୍ରୁ.ମି): ୨୦୧୪ ସେପ୍ଟେମ୍ବର ୨୭ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତୀସଂଘର ସାଧାରଣ ଅଧିବେସନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଦିବସକୁ ପୃଥିବିର ବିଭିନ୍ନ ସ୍ଥାନରେ ଚତୁର୍ଥ ଆନ୍ତର୍ଜାତୀକ ଯୋଗ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ.ସି.ସି ତରଫରୁ କଲେଜ ପରିସରରେ ଚତୁର୍ଥ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହୋଇଯାଇଛି। ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ବଡ଼ଚଣା ବିଧାୟକ ତଥା ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତ୍ୟଧୁନିକ ଜୀବନ ଶୈଳି, ଅତ୍ୟଧିକ ତୈଳ ଓ ମସଲାଯୁକ୍ତ ଖାଦ୍ୟ, ମଦ୍ୟ, ମାଂସ୍ୟ ସାଂସ ଯୁକ୍ତ ସୁସ୍ୱାଦୁ ଖାଦ୍ୟ ଖାଇ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛି। ଏହାକୁ ରୋକିବାକୁ ହେଲେ ସାକାହାରୀ ଓ ସନ୍ତୁଳିତ ଖାଦ୍ୟ ସୁସ୍ଥ ବାତାବରଣ, ଦୈନିକ ଯୋଗାଭ୍ୟସ କଲେ ବିଭିନ୍ନ ରୋଗରୁ ମୁକ୍ତି ମିଳିବା ସହିତ ଶରୀର ଓ ମନ ଆନନ୍ଦ ରହିବ। ଯୋଗାଭ୍ୟସ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ରକ୍ଷା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧକ୍ଷ ଡ଼ଃ କେଦାର ନାଥ ଦାସ, କମାଣ୍ଡର ଦିଲିପ କୁମାରା ନାୟକ, କ୍ରୀଡ଼ା ଶିକ୍ଷକ ବାସୁଦେବ ଜେନା ଓ କଲେଜର ଅଧାପକ/ଅଧାପିକା ସମେତ ଛାତ୍ରଛାତ୍ରୀମାନେ ଏହି ଯୋଗାଭ୍ୟାସରେ ଯୋଗ ଦେଇଥିଲେ।

ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସଂଯୋଗ ଦେଉନଥିବା ଅଭିଯୋଗ

ରାଜନଗର, ୨୧।୬(ଶ୍ରୁ.ମି): ରାଜନଗର ବ୍ଲକ ଗୁପ୍ତି ପଂଚାୟତ ରାଜରାଜେଶ୍ୱରପୁର ଗ୍ରାମରେ ୧୬କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ୩ମାସ ହେବ ବସିଥିଲେ ମଧ ସଂଯୋଗ ଦିଆଯାଉନଥିବା ଉପଭୋକ୍ତା ଜିଲ୍ଲାପାଳ ଏବଂ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ପୂର୍ବରୁ ୧୩୦ ପରିବାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ବସିଥିଲା ବେଳେ ଦିର୍ଘଦିନ ହେବ ଲୋ-ଭୋଲଟେଜ ସମସ୍ୟା ଦିନରାତି ଲାଗି ରହୁଥିଲା । ପଙ୍ଖା ଚାଲୁନଥିଲା ଓ ବଲବ ଠିକ୍ ଭାବରେ ଜଳୁନଥିଲା । ତିନିମାସ ହେବ ନୂଆ ଟ୍ରାନ୍ସଫର୍ମର ବସିଥିଲେ ମଧ ବିଦ୍ୟୁତ ସଂଯୋଗ ଦିଆଯାଉନଥିବାରୁ ଉପଭୋକ୍ତାଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଠିକାସଂସ୍ଥା ଟ୍ରାନ୍ସଫର୍ମର ବସାଇ ଭିଭାଗୀୟ ଅଧିକାରୀମାନେ ସଂଯୋଗ ଦେବା କଥା କହି ଚାଲି ଯାଇଥିଲା । ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଗୁହାରୀ କଲେ ମଧ କୌଣସି ସୁଫଳ ନମିଳିବାରୁ ବିଭାଗୀୟ ଅଧିକାରୀମାନଙ୍କ କାଳକ୍ଷେପଣ ନିତି ବିରୁଦ୍ଧରେ ଜିଲ୍ଲାପାଳ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ପାଖରେ କାଳିପଦ ମଣ୍ଡଳ, ବାସୁଦେବ ମଣ୍ଡଳ, ଗଣେଷ ମଣ୍ଡଳ, ତୁଳସୀ ମଣ୍ଡଳ, ମଂଜୁରାଣୀ ତରପଦାର, ଅନିତା ମଣ୍ଡଳ, ମେନକା ବାରିକ ଓ ୱାର୍ଡ ସଭ୍ୟା ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ବିଦ୍ୟୁତ ସମସ୍ୟା ସଂପର୍କରେ ଜିଲ୍ଲାପାଳ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କି ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା ।

ପଟ୍ଟାମୁଣ୍ଡାଇରେ ଆମ ସହର ଆମ ଉନ୍ନତି ପ୍ରକଳ୍ପର ଶୁଭାରମ୍ଭ

ପଟ୍ଟାମୁଣ୍ଡାଇ, ୨୧।୬(ଶ୍ରୁ.ମି): ଓଡିଶାର ପ୍ରତ୍ୟେକ ପୌରାଞ୍ଚଳର ସାର୍ବିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଅନୁଦାନରେ ଆମ ସହର ଆମ ଉନ୍ନତି କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୨୦ ନଂ. ୱାର୍ଡ ଠାରେ ଆମ ସହର ଆମ ଉନ୍ନତି ଯୋଜନାରେ ୪ଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରି ଆୟୋଜିତ ଉତ୍ସବରେ ଜିଲ୍ଲା ଯୋଜନାବୋର୍ଡ ସଦସ୍ୟ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ୨୦ନଂ. ୱାର୍ଡ କାଉନସିଲର ସବିତା ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ପୌରାଧକ୍ଷା ବୈଜୟନ୍ତୀମାଳା ଲେଙ୍କା, ଉପାଧକ୍ଷ ସୁମନ୍ତ ପାତ୍ର, ପୂର୍ବତନ ପୌରାଧକ୍ଷ ହେମନ୍ତ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ନଗର ମହିଳା ବିଜେଡି ସଭାନେତ୍ରୀ କାଉନସିଲର ଲାଏନା ଦାଶ, ନଗର ଯୁବବିଜେଡି ସଭାପତି ମିଟୁ ମନୋଜ ନାୟକ, କାଉନସିଲର ପଦାରବିନ୍ଦ ସାହୁ, ମଳୟ ମଳିକ, ରଞ୍ଜିତ ମଳିକ, ପୂର୍ବତନ ସରପଞ୍ଚ ସୁବାଷ ଦାସ, ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଜୁ ଯୁବବାହିନୀ ସଭାପତି ସରସ୍ୱତୀ ଦାସ, ସଂପାଦକ ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ଦାସ, ସର୍ବେଶ୍ୱର ମଳିକ, ସୂର୍ଯ୍ୟକାନ୍ତ ନାୟକ, ଖଗେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଡେରାବିଶ, ୨୧। ୬(ଶ୍ରୁ,ମି): ଡେରାବିଶ ଥାନା ଅଂଚଳରେ ଜଣେ ୨୧ ବର୍ଷୀୟ ଯୁବତୀଙ୍କୁ ସେହି ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଗୁରୁବାର ଥାନରେ ଯୁବତୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ପୋଲିସ୍ ସୂଚନା ଅନୁଯାୟୀ ଥାନା ଅଂଚଳର ଏକ ଗ୍ରାମରେ ଗତ ରବିବାର ସନ୍ଧ୍ୟାରେ ଯୁବତୀ ଜଣକ ନିଜ ଭଉଣୀ ସହ ଗ୍ରାମରେ ତାଙ୍କର ଏକ ନୂତନ ଘରକୁ ଯାଉଥିବା ବେଳେ ଯୁବକ ଜଣକ ତାଙ୍କୁ ଗାଁ ରାସ୍ତାରେ ଟଣା ଘୋଷରା କରି ଦୁଷ୍କର୍ମ ଉଦ୍ୟମ କରିଥିଲେ । ଏହି ସମୟରେ ସାଙ୍ଗରେ ଥିବା ଭଉଣୀ ଚିତ୍କାର କରିଥିଲେ । ଚିତ୍କାର ଶୁଣି ଭୟରେ ଯୁବକ ଜଣକ ଯୁବତୀଙ୍କୁ ଛାଡ଼ିଦେଇ ଫେରାର୍ ହୋଇଯାଇଥିଲେ । ତେବେ ଏ ବିଷୟରେ ପରିବାରଙ୍କୁ ଯୁବତୀ ଭୟରେ କହିନଥିଲେ । ତେବେ ଅଭିଯୁକ୍ତ ଯୁବକ ଜଣକ ସମ୍ପୃକ୍ତା ଯୁବତୀ ଥାନାରେ ଅଭିଯୋଗ କଲେ କିମ୍ବା ଏ ବିଷୟରେ କାହା ଆଗରେ ପ୍ରକାଶ କଲେ ତାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଏ ବିଷୟରେ ପରିବାର ଲୋକ ଜାଣିବା ପରେ ଗୁରୁବାର ଥାନାରେ ଯୁବତୀ ଜଣକ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ଥାନାରେ କେଶ୍ ନଂ ୮୭/୧୮ରେ ଏକ ମାମଲା ରୁଜୁ ହେବା ସହ ଘଟଣାସ୍ଥଳରେ ଡେରାବିଶ ଥାନା ଅଧିକାରୀ ସୁଧିର କୁମାର ସାହୁ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଅଭିଯୁକ୍ତ ଯୁବକ ଫେରାର ଥିବାରୁ ଗିରଫ କରାଯାଇ ପାରିନାହିଁ ।

ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ

କେନ୍ଦ୍ରାପଡା, ୨୧।୬ (ଶ୍ରୁ.ମି) : ଜୁନ୍ ୨୧ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ପତଞ୍ଜଳୀ ଯୋଗ ସମିତି କେନ୍ଦ୍ରାପଡା ଶାଖା ଆନୁକୂଲ୍ୟରେ ଗୁରୁବାର ଦିନ ସହରର ତିନି ମୁହାଣୀ ରାମ ମନ୍ଦିର ରାମଲୀଳା ପଡିଆରେ ସମୂହ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସନ୍ତୋଷ ରାଉତ ଏବଂ ମୁଖ୍ୟବକ୍ତା ଭାବେ ସୁବାଷ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଯୋଗର ଉପକାରିତା ଭାରତୀୟ ସଂସ୍କୃତିର ଯୋଗର ଭୂମିକା ଓ ଆନ୍ତର୍ଜତୀୟ ଯୋଗ ଦିବସ ପାଳନର ଆଭିମୁଖ୍ୟ ଉପରେ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ଯୋଗ ଶିବିରରେ ପତଞ୍ଜଳୀ ଯୋଗ ସମିତିର ମଣ୍ଡଳ ପ୍ରଭାରୀ ଯୋଗ ଗୁରୁ ବିଭୂପ୍ରସାଦ ଦାଶ ଯୋଗ ଦେଇ ଉପସ୍ଥିତ ଶିବିରାର୍ଥୀମାନଙ୍କୁ ପ୍ରଣାୟାମ୍, ଆସନ, ସୂକ୍ଷ୍ମକ୍ରିୟା ଉପରେ ଯୋଗଭ୍ୟାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଶିବିର ପ୍ରାରମ୍ଭରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ପରିଶେଷରେ ଦେବକୁମାର ପାଣି ଧନ୍ୟବାଦ ପ୍ରଦାନ କରିଥଲେ । ଏହି ଶିବିରରେ ୨ ଶହରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗ ଦେଇ ଯୋଗଭ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପତଞ୍ଜଳି ଯୋଗ ସମିତିର ରାଧେଶ୍ୟାମ ବିଶ୍ୱାଳ, ଶିବ ପ୍ରସାଦ ମିଶ୍ର, ଅଶୋକ ମହାନ୍ତି, ପବିତ୍ର ମହାନ୍ତି, ନୃସିଂହଚରଣ ତ୍ରିପାଠୀ, ଦୋଳଗୋବିନ୍ଦ ମଲ୍ଲ ଓ ଉପିନ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

ଗଛ ପଡି ରାସ୍ତା ଅବରୋଧ, କୁଳଙ୍ଗ ଗ୍ରାମବାସୀଙ୍କ ପଞ୍ଚାୟତରୁ ବିଚ୍ଛିନ୍ନ

ତେଲକୋଇ, ୨୧/୬(ଶ୍ରୁ.ମି): ତେଲକୋଇ ବ୍ଲକ ଅନ୍ତର୍ଗତ ବିମଳା ପଂଚାୟତରୁ କୁଳଙ୍ଗ ଗ୍ରାମ ରାସ୍ତା ରେ ଗଛ ପଡି ରାସ୍ତା ଅବରୋଧ ହୋଇଛି । ଗତ ବୁଧୁବାର ଝଡ ତୋଫାନ ହେବା ଯୋଗୁଁ ଉକ୍ତ ରାସ୍ତାରେ ଏକ ବିରାଟ ଗଛ ପଡିଯିବା ଯୋଗୁଁ ଗ୍ରାମବାସୀ ପଂଚାୟତ ମୁଖ୍ୟାଳୟରୁରୁ ବଛିନ୍ନ ହୋଇଯାଇଛି । ଏଥିସହିତ ଯାତାୟତରେ ସଂପୂର୍ଣ୍ଣ ବାଧା ପ୍ରାପ୍ତ ହେବା ମୂଖ୍ୟାଳୟକୁ ଆସୁଥିବା ଗାଡି ସାଇକେଲ ମୋଟର ସାଇକେଲ ସବୁ ବନ୍ଦ ହୋଇଯାଇଛି । ଆମ୍ବୁଲାନ୍ସ ସେବା ବ୍ୟାହତ ହେବା ଯୋଗୁଁ ଗ୍ରାମବାସୀ ମାନେ ତେଲକୋଇ ବନାଂଚଳ ଅଧିକାରୀ ଙ୍କୁ ଗଛ ହଟାଇବା କୁ ଦାବୀ କରିଛନ୍ତି । ତେବେ ତୁରନ୍ତ ଗଛ ହଟାଇବାକୁ ବନାଂଚଳ ଅଧିକାରୀ ପିତାମ୍ବର ନାଏକ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି ।

କଳିଙ୍ଗ ବିଦ୍ୟାଳୟର ଜଳଛତ୍ର

ଡେରାବିଶ, ୨୧। ୬(ଶ୍ରୁ.ମି): ଗତ କିଛିଦିନ ହେବ ସମଗ୍ର ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା । ଜୁନ୍ ମାସର ଦ୍ୱିତୀୟ ସପ୍ତାହରେ ଗ୍ରୀଷ୍ମପ୍ରବାହ ବୃଦ୍ଧିକୁ ସାଧାରଣ ଲୋକ ସହ୍ୟ କରିପାରୁନଥିବା ବେଳେ ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ତରଫରୁ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଠାରେ ଏକ ଜଳଛତ୍ର ଖୋଲାଯାଇଥିଲା ।

ଶିଶୁ ଶ୍ରମିକ ନିରୋଧ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୨୧।୬(ଶ୍ରୁ.ମି): ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀକକ୍ଷରେ ଶିଶୁ ଶ୍ରମିକ ନିରୋଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରିସୁଆ ସଂଯୋଜକ ନଳିନୀକାନ୍ତ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରିଣୀ କଳ୍ପନା ମିଶ୍ର ମୁଖ୍ୟଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଶିଶୁ ଶ୍ରମିକ ନିରୋଧ ପାଇଁ ଆଇନଗତ ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ସମିତିସଂଘ ସଭାପତି ଶ୍ରୀକାନ୍ତ ସାହୁ, ଗଙ୍ଗାରାମପୁର ସରପଞ୍ଚ ପ୍ରଫୁଲ୍ଲ ତରାଇ, ଜିଲ୍ଲା ଗ୍ରାମ୍ୟ ନିରୀକ୍ଷକ ଦେବାଶୀଷ ଜେନା, ଡବ୍ଲୁଓ ଚନ୍ଦ୍ରକାନ୍ତୀ ବେହୁରା, ବ୍ଲକ ଜୀବିକା ମିଶନ ବିପିଏମ କଳ୍ପନା ଦଳାଇ, ଏନଆରଜିଏସ ଆସିଷ୍ଟାଣ୍ଡ ପ୍ରିୟମ୍ବଦା ସ୍ୱାଇଁ, ଏପିଓ ପ୍ରଦୀପ ମହାନ୍ତି, ବ୍ଲକ ଅଡିଟର ପ୍ରମୋଦ ମଲିକ, ସୁଧାଂଶୁ ପ୍ରସାଦ ନାୟକ ପ୍ରମୁଖ ସମ୍ମାନୀତଅତିଥି ଭାବେ ଯୋଗ ଦେଇ ଶିଶୁ ଶ୍ରମିକ ନିରୋଧ ଦିଗରେ କାର୍ଯ୍ୟ କରିବାକୁ ପରାର୍ମଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମମତା ପରିଡା, ମଧୁସ୍ମିତା ନାଥ, ସସ୍ମିତା ସୂତରା, ଉଦାର ସୁନ୍ଦର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

ତେଲକଟୋଇରେ ଅର୍ନ୍ତଜାତୀୟ ଯୋଗ ଦିବସ

ତେଲକୋଇ, ୨୧/୬(ଶ୍ରୁ.ମି): ଅର୍ନ୍ତଜାତୀୟ ଯୋଗ ଦିବସରେ ଗୁରୁବାର ସକାଳ ସମୟରେ ଚାରିଗଡ ମହାବିଦ୍ୟାଳୟ ପଡିଆରେ ଶତାଧିକ ଲୋକେ ସାମିଲ ହେଲେ । ପୁରୁଷ ମହିଳା ଯୁବକ ସମେତ ବିଭିନ୍ନ ବର୍ଗର ଲୋକେ ଉତ୍ସାହର ସହିତ ଯୋଗ କରିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଓ ସୁସ୍ଥ ସମାଜ ଗଠନ ର ଭୂମିକା କୁ ନେଇ ଲୋକ ଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା । ସ୍ଥାନୀୟ ପ୍ରଶାସନ ସମେତ ସରପଞ୍ଚ ଯୁବକ ସଂଘ ମହିଳା ମାନେ ଅର୍ନ୍ତଭୁକ୍ତ ରହିଥିଲେ ।

ଯୋଗ ମହୋତ୍ସବ ସମିତି ପକ୍ଷରୁ ନୀଳଗିରିର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଅନୁଷ୍ଠିତ

ରାଜ-ବରହମପୁର, ୨୧/୬ (ଶ୍ରୁ,ମି): ଯୋଗ ମହୋତ୍ସବ ସମିତି ପକ୍ଷରୁ ନୀଳଗିରିର ୫୪ଟି ସ୍ଥାନରେ ଆନ୍ତଃର୍ଜାତୀୟ ଯୋଗ ଦିବସ ଅବସରରେ, ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଯୋଗ ଦିବସ ଅବସରରେ ଯୋଗ ମହୋତ୍ସବ ସମିତି ଦ୍ୱାରା, ନୀଳଗିରି ବ୍ଲକ୍, ପିଠାହତା ପଞ୍ଚାୟତ ଅଧିନସ୍ଥ ଜାମବଣି ଗ୍ରାମ ଠାରେ ଏକ ମହାଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୀଳଗିରି ଗୌଡ଼ିୟ ମଠର ମହନ୍ତ ବୈଷ୍ଣବ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ । ସେହିପରି ଯୋଗ ମହୋତ୍ସବ ସମିତିର, ରାଜ୍ୟ ସଂଯୋଗକ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୋଗ ଦେଇ, ଯୋଗର ଉପକାରିଣ ଓ ନିରାମୟ ଜୀବନଚର୍ଯ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଠହତା ପଞ୍ଚାୟତର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ଶିବିରାର୍ଥୀ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମର୍ତ୍ତଣ୍ଡ ମହାପାତ୍ର, ସଂଯୋଜନା କରିଥିବା ବେଳେ ଗୋବିନ୍ଦ ସରେନ୍ ଯୋଗ ଶିକ୍ଷକ ଭାବେ ଯୋଗ ନେଇ, ଶିବିରାର୍ଥୀମାନଙ୍କୁ ଯୋଗ ଅଭ୍ୟାସ କରାଇଥିଲେ । ଯୋଗ ମହୋତ୍ସବ ସମିତି, ପିଠାହତା ସଦସ୍ୟ କମଳା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ । ନୀଳଗିରି, ନୀଳଗିରି ନଗରରେ ଯୋଗ ଶିବିରମାନ ଅନୁଷ୍ଠିତ ହୋଇଯାଇଛି ବୋଲି ଚନ୍ଦ୍ରଶେଖର ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ଅନୁରୂପ ଭାବେ ଔପଦା ବ୍ଲକ୍ ଅଧିନସ୍ଥ ବାଉଁଶବଣିଆ ପଞ୍ଚାୟତସ୍ଥ ବାଲଓରା ଏମ୍.ଇ. ସ୍କୁଲ୍‌ରେ ଅନନ୍ତ କୁମାର ଧଳଙ୍କ ପ୍ରଶିକ୍ଷଣରେ, ରାଜ୍ୟ ମହିଳା ମୋର୍ଚ୍ଚାର ଉପସଭାପତି ସୁଷମାରାଣୀ ବିଶ୍ୱାଳଙ୍କ ଉପସ୍ଥିତିରେ ଶତାଧିକ ପୁରୁଷ ଓ ମହିଳାମାନେ ଯୋଗ ଦେଇଥିଲେ । ବାଉଁଶବଣିଆ ସମିତି ସଭ୍ୟା ସୁକାନ୍ତି ମହାନ୍ତିଏବଂ ୨ନମ୍ବର ଜୋନର ଉପସଭାପତି ଅଭୟ କୁମାର ମିଶ୍ର, କୋର୍ କମିଟି ମେମ୍ବର ରାଜେନ୍ଦ୍ର ମହାନ୍ତି, ସହ ସଂଯୋଜକ ଅଶ୍ୱନୀ ପାତ୍ର, ଯୋଗ ସଂଜଯୋକ ମୃତ୍ୟୁଞ୍ଜୟ ପଣ୍ଡିତଙ୍କ ସମେତ କମଳାକାନ୍ତ ଜେନା, ଗୌରବ ଚନ୍ଦ୍ର ପୃଷ୍ଟି, କାହ୍ନୁଚରଣ ଲେଙ୍କା, ସୁକାନ୍ତି ଜେନା ପ୍ରମୁଖ ଉକ୍ତ ଯୋଗ ଶିବିରରେ ସହଯୋଗ କରିଥିଲେ ।

ବାଲେଶ୍ୱର : ୩୧୬ ସାମ୍ବାଦିକଙ୍କ ଭିତରୁ ଗୋପବନ୍ଧୁ ବୀମା କାର୍ଡ଼, ପାଇଲେ ମାତ୍ର ୭୧



ବାଲେଶ୍ୱର, ୨୧/୬(ଶ୍ରୁ.ମି): ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ୍ କରାଯାଇଛି। ବାଲେଶ୍ୱରରେ ବୀମା କାର୍ଡ଼ ପ୍ରଦାନକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବାଲେଶ୍ୱର ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ମୋଟ ୩୧୬ ଜଣଙ୍କର ଏକ ଯୋଗ୍ୟ ଓ ବୈଧ ତାଲିକା ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଓ କାର୍ଯ୍ୟାଳୟକୁ ପଠାଯାଇଥିଲା। ମାତ୍ର ସେଥିମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୭୧ଜଣଙ୍କର ବୀମା କାର୍ଡ଼ ମିଳିବା ଏବଂ ବିଭାଗ ତରଫରୁ ପ୍ରକାଶିତ ଯୋଗ୍ୟ ତାଲିକାରେ କାର୍ଯ୍ୟରତ ସାମ୍ବାଦିକଙ୍କ ନାମ ନଥିବା ନେଇ ବୁଧବାର ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ବାଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିସହିତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ସଂକ୍ରାନ୍ତୀୟ ସମସ୍ତ ପ୍ରକାର ତଥ୍ୟ ତଥା ଯୋଗ୍ୟ ସାମ୍ବାଦିକଙ୍କୁ ଆସନ୍ତା ୩୦ ତାରିଖ ମଧ୍ୟରେ ବୀମା କାର୍ଡ଼ ପ୍ରଦାନ କରାନଗଲେ ଆଗାମୀ ଦିନରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବୈଠକରେ ଉଜ୍ଜ୍ୱଳ ଚନ୍ଦ୍ର କର, ଚିତ୍ତ ସାହୁ, ଦେବବ୍ରତ ପାଣିଗ୍ରାହୀ, ବଂଶୀଧର ଦଳେଇ, ସନ୍ଦୀପ୍ତ ଦାସ, ରତିକାନ୍ତ ପାତ୍ର, ମନୋଜ କୁମାର ରାଉଳ, ରାମନାରାୟଣ ଶତପଥି, ଆଲୋକ କୁମାର ବାରିକ, ମୋହିନୀ ଚାନ୍ଦ, ମାନସ ବିଶ୍ୱାଳ, ଅଧୀପ ଜେନା, କରୁଣାକର ସାହୁ, ଉବାଚକ ମହାନ୍ତି, ତାରିଣୀ ପାଢ଼ୀ, ରମଣୀ ରଂଜନ ଦାସ, ଗୟାଧର କର, ବାସୁଦେବ ରାଉଳ, ଜୀବନଜ୍ୟୋତି ନାୟକ, ପ୍ରସନ୍ନଜିତ ଆଶ୍, ମୃତ୍ୟୁଞ୍ଜୟ ପଟ୍ଟନାୟକ, ହାଇଦର ଖାଁ, ହିମାଂଶୁ ଦାସ, ଚକ୍ରଧର ସାହୁ, ଅରୂପ କୁମାର ମହାନ୍ତି, ଦିବାକର ସାହୁ, ଗୀତାଞ୍ଜଳି ପାଣିଗ୍ରାହୀ, ସୋଲେମାନ ସାହୁ, କମଳଲୋଚନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ଖୁବ୍‌ଶୀଘ୍ର ସରକାର ସାମ୍ବାଦିକଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରିଛନ୍ତି।